## ପ୍ରେସ୍ ନୋଟ୍

# ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ।

## ଗଣମାଧ୍ୟମ ହିଁ ଜନସାଧାରଣଙ୍କ ମଧ୍ୟରେ ସେତୁ ।

ଅନୁଗୋଳ, ତା.୧୬.୧୧:- ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ କରୋନା ମହାମାରୀ ପ୍ରକୋପ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ବହୁ ବାଧା ବିଘ୍ନକୁ ସାମ୍ନାକରି ନିଷ୍ଠାପର ଭାବରେ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କୁ ସଚେତନ କରିଛନ୍ତି । ଜିଲ୍ଲା ପ୍ରଶାସନର ପ୍ରତ୍ୟେକଟି କାର୍ଯ୍ୟକ୍ରମକୁ ନିଜ ନିଜ ଶୈଳିରେ ପ୍ରକାଶ କରି ଏକ ସେତୁ ସଦୃଶ କାର୍ଯ୍ୟ କରିଆସୁଛନ୍ତି । କୋଭିଡ ନିୟମକୁ ଜିଲ୍ଲାର ସାମ୍ବାଦିକମାନେ ସବୁବେଳେ ସମ୍ମାନ ଜଣାଇ ଆସିଛନ୍ତି, ଏହାର ସୁପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିବା ସହ ସାମ୍ବାଦିକମାନଙ୍କର ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ.ଶାନ୍ତନୁ କୁମାର ସର ସାମ୍ବାଦିକମାନଙ୍କୁ "ଗଣତନ୍ତ୍ରର ସ୍ୱାସ୍ଥ୍ୟ ନିର୍ଭର କରେ ସମ୍ବାଦପତ୍ର ଓ ଗଣମାଧ୍ୟମର ସ୍ୱାଧୀନତା ଉପରେ" । ବିଶ୍ୱ ମହାମାରୀ କରୋନା ପରିପ୍ରେକ୍ଷୀରେ ଆମ ଦେଶର ଗଣମାଧ୍ୟମ ସକରାତ୍ମକ ଭୂମିକା ନିର୍ବାହ କରିବା ସହ ମହାମାରୀ ବିରୁଦ୍ଧରେ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସକ୍ରିୟ ଯୋଗଦାନ କରି ଆସୁଛନ୍ତି । ବିଭିନ୍ନ ଗବେଷଣାତ୍ମକ ଜ୍ଞାନ, ସରକାରୀ ନିର୍ଦ୍ଦେଶନାମା ଲୋକମାନଙ୍କ ପାଖରେ ପହଂଚାଇ ଅନୁକୁଳ ଜନସଚେତନତା ସୃଷ୍ଟି କରିପାରିଛି । ଅନେକ ସାମ୍ବାଦିକ ନିଜ ଜୀବନକୁ ସଂକଟାପନ୍ନ ଅବସ୍ଥାରେ ତଥ୍ୟ ସଂଗ୍ରହ କରି କେବଳ ଯେ ବିବରଣୀ ପ୍ରଦାନ କରୁଛନ୍ତି ତାହା ନୁହେଁ ଏହାର ଅନୁଶୀଳନ ଓ ବିଶ୍ଳେଷଣ କରୁଛନ୍ତି ବୋଲି ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସ ଓ ଦ୍ୱାରିକା ପ୍ରସାଦ ନନ୍ଦ ସାମ୍ବାଦିକମାନଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ କରିବା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ, ପ୍ରାକ୍ତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ସ୍ତରରୁ ଆସିଥିବା ସାମ୍ବାଦିକମାନେ ଯୋଗ ଦେଇଥିଲେ । ଏହି ବୈଠକକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝି ପରିଚାଳନା କରିଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL
ଅନୁଗୋଳ